## ସଂକ୍ଷେପରେ

### ଲିଙ୍ଗରାଜ ପଣ୍ଡାଙ୍କୁ ଡ ଆୱାର୍ଡ ପ୍ରଦାନ



ଗଞ୍ଜାମ,୧୮।୧୦(ବିଦ୍ୟାଧର ସାହୁ)- ଗଞ୍ଜାମ ସହର ନିବାସୀ ଲିଙ୍ଗରାଜ ପଣ୍ଡାଙ୍କୁ ସାମାଜିକ କାର୍ଯ୍ୟ ତଥା ଜ୍ୟୋତିଷ ଶାସ୍ତ୍ରରେ ସମ୍ମାନ ଜନକ ଡ଼ଃ ଆୱାର୍ଡ ପ୍ରଦାନ କରାଯାଇଛି। ଦିଲ୍ଲୀ ଫରିଦାବାଦର ମେଜିକ ବୁକ ଅଫ ରେକର୍ଡ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଏହି ସମ୍ମାନ ମିଳିଛି। ସେ ସାମାଜିକ କାର୍ଯ୍ୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଯୋଗଦେଇ ଆସୁଥିବା ବେଳେ ଜ୍ୟୋତିଷ ଶାସ୍ତ୍ରରେ ତାଙ୍କର କାର୍ଯ୍ୟଦକ୍ଷତା ରହିଛି। ୨୦୦୦ ମସିହାରୁ ଦୀର୍ଘ ୨୩ ବର୍ଷ ହେଲା ସେ ଜ୍ୟୋତିଷ ଶାସ୍ତ୍ରରେ ଗବେଷଣା କରି ଆସୁଛନ୍ତି। ଯାହାକୁନେଇ ସେ ଜାତୀୟ ସ୍ତରରେ ନିଜର ପରାକାଷ୍ଠା ଦେଖାଇପାରିଛନ୍ତି। ଯାହାକୁ ନେଇ ତାଙ୍କର ଶତାଧିକ ଛାତ୍ରୀଛାତ୍ର ରହିଛନ୍ତି। ସେ ନିରନ୍ତର ଅନ ଲାଇନରେ ବିଦ୍ୟାର୍ଥୀ ମାନଙ୍କୁ ଶାସ୍ତ୍ରଜ୍ଞାନ ପ୍ରଦାନ କରି ଆସୁଛନ୍ତି। ତାଙ୍କୁ ଏହି ସମ୍ମାନ ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଭାଜପାର ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ

ବୁଗୁଡା,୧୮।୧୦(କାଳୀଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତର୍ଗତ ତାକରଡା ପଞ୍ଚାୟତରେ ଭାଜପା ପକ୍ଷରୁ ମୋ ମାଟି ଓ ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକଙ୍କ ନେତୃତ୍ୱରେ ଭାଜପାର କର୍ମକର୍ତ୍ତାମାନେ ତାକରଡା ପଞ୍ଚାୟତରେ ଘରକୁ ଘର ବୁଲି ଅମୃତ କଳସରେ ମାଟି ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାକରଡା ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନ, ସମିତି ସଭ୍ୟା ଜ୍ୟୋତି ନାୟକ, ଗଙ୍ଗାଧର ନାୟକ, ହରିକୃଷ୍ଣ ସାହୁ, ଗୌର ଚନ୍ଦ୍ର ପ୍ରଧାନ, ଗାଁ ମୁଖିଆ ମନୋରଞ୍ଜନ ନାୟକ, ଅଶୋକ ନନ୍ଦ ବ୍ରହ୍ମଚାରୀ, ଅନନ୍ତ ରାମ ଆଲଟିଆଙ୍କ ସମେତ ବହୁ କର୍ମକର୍ତ୍ତା ଓ ଗ୍ରାମବାସୀ ଯୋଗ ଦେଇଥିଲେ।

### ଜମିକୁ ଜଳ ଯୋଗାଣ ପାଇଁ ଦାବିପତ୍ର

ପାତ୍ରପୁର, ୧୮।୧୦(ଉମା ଚରଣ ନେପାକ):

ପାତ୍ରପୁର ତହସିଲ ଅଧୀନ ମୁକୁନ୍ଦଦେବ ସାଗରରୁ ଜମିକୁ ଜଳ ଯୋଗାଣ ନିମନ୍ତେ ସ୍ଥାନୀୟ ତହସିଲଦାର ଅମିତ କୁମାର ନାୟକଙ୍କୁ ତଣ୍ଡିପୁର ପଞ୍ଚାୟତ ଖଇର ଗ୍ରାମବାସୀ ବୁଧବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ଅନୁସାରେ, ଉକ୍ତ ଗ୍ରାମର ପ୍ରାୟ ୩ଶହ ଏକରରୁ ଉର୍ଦ୍ଧ୍ୱ ଚାଷଜମିରେ ଆସନ୍ନ ମରୁଡି ପରିସ୍ଥିତି ଦେଖାଦେଇଥିବା ବେଳେ ଯଦି ଉକ୍ତ ସାଗରରୁ ଚାଷଜମିକୁ ଜଳ ଯୋଗାଣ କରାଯାଏ ତେବେ କିଛି ମାତ୍ରାରେ ସହାୟକ ହେବ ବୋଲି ଗ୍ରାମବାସୀ ପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବିପିନ ପ୍ରଧାନ, ନିରଞ୍ଜନ ବେଜ, ଗଣପତି ପ୍ରଦାନ, ପ୍ରକାଶ ସେଠୀ, କୋରାମଣି ପ୍ରଧାନ, ଗୋବିନ୍ଦ ପ୍ରଧାନ, କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିବା ବେଳେ ତହସିଲଦାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଜମିକୁ ପାଣି ଯୋଗାଇବା ପାଇଁ ଗ୍ରାମବାସୀଙ୍କୁ କହିଛନ୍ତି।

### ୫ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ରମ୍ଭା,୧୮।୧୦(ବନବାସୀ ସେଠୀ)

ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ସଭାପତିତ୍ୱରେ ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ, କିରାଣୀ ଓ ପିଅନଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଅଭିରାମ ସାହୁ, ହିନ୍ଦୀ ଶିକ୍ଷକ ଆଶିଷ ପାଢ଼ୀ, କିରାଣୀ ପୂର୍ଣ୍ଣ ଚନ୍ଦ୍ର ସାହୁ, ପିଅନ ଜ୍ଞାନ ରଞ୍ଜନ ମହାପାତ୍ର ଓ ଶିକ୍ଷୟିତ୍ରୀ ପ୍ରଗତି ପାତ୍ର ଏହି ୫ ଜଣ ସରକାରୀ କର୍ମଚାରୀଙ୍କୁ ବିଦ୍ୟାଳୟ ତରଫରୁ ଫୁଲତୋଡ଼ା ଉପଢୌକନ ସହ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଭାସ ଚନ୍ଦ୍ର ପତି, ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ବେହେରା, ପ୍ରତୀକ୍ଷା ପାତ୍ର, ଚକ୍ରଧର ବେହେରା, ଗଣମାଧ୍ୟମ ପ୍ରତିନିଧି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଏନ୍‌ସିସି ଶିକ୍ଷକ ଅଜିତ କୁମାର ବେହେରା, ଉପସ୍ଥାପନା ଓ ଧନ୍ୟବାଦ ଦେଇଥିଲେ ଶିକ୍ଷୟିତ୍ରୀ ରୋଜାଲିନ ମହାପାତ୍ର।

# ଆଗାମୀ ୩୦ ବର୍ଷକୁ ଲକ୍ଷ୍ୟ ରଖି ପାନୀୟଜଳ ପ୍ରକଳ୍ପ ହେଉଛି

ଭଞ୍ଜନଗର,୧୮।୧୦(ବାବୁଲା ପ୍ରଧାନ):

ଭଞ୍ଜନଗର ବ୍ଲକ ସାନକୋଦଣ୍ଡା ପଞ୍ଚାୟତରେ ବୁଧବାର ବିଜେଡ଼ିର ପଦଯାତ୍ରା ସହ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମ ଗୁଡ଼ିକରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବାହାଡ଼ାପଦର ଠାରେ ଆୟୋଜିତ ସଭାରେ ମନ୍ତ୍ରୀ ଆରୁଖ କହିଥିଲେ, ଆଗାମୀ ୩୦ ବର୍ଷକୁ ଲକ୍ଷ୍ୟ ରଖି ବର୍ତ୍ତମାନ ପାନୀୟ ଜଳ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଉଛି। ଭଞ୍ଜନଗର ବ୍ଲକର ୨୨ଟି ପଞ୍ଚାୟତର ୮୮ଟି ଗ୍ରାମ ସମେତ ଅନ୍ୟ ଅଞ୍ଚଳର ଘରକୁ ଘର ପିଇବା ପାଣି ଯୋଗାଇ ଦେବାପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ହେଉଛି । ଏ ବାବଦରେ ୧୫ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହେବ। ଇତିମଧ୍ୟରେ ତାହାର ଟେଣ୍ଡର ପ୍ରକ୍ରିୟା ସରିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ପ୍ରକଳ୍ପର ଶିଳାନ୍ୟାସ କରିବେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଗରିବଙ୍କ ମୁହଁରେ ହସ ଫୁଟାଇଛି । ୯୬ଲକ୍ଷ ୫୦ ହଜାର ପରିବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସୁଫଳ ପାଉଛନ୍ତି । ୫୩ ହଜାର କୃଷକ ପରିବାରକୁ କାଳିଆ ଯୋଜନାରେ ସାମିଲ କରାଯାଇଛି । ସରକାର ବିଭିନ୍ନ ପ୍ରୋତ୍ସାହନ ସେମାନଙ୍କୁ ଯୋଗାଇ ଦେଉଛନ୍ତି।




ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦ୍‌ବୋଧନ ଦେଉଛନ୍ତି ।

## ଭଞ୍ଜନଗର ବ୍ଲକର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

୫୨ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ଭତ୍ତା ପ୍ରଦାନ କରାଯାଉଛି । ଧର୍ମାନୁଷ୍ଠାନ ଗୁଡ଼ିକର ଉନ୍ନତୀକରଣ ପାଇଁ ଅନୁଦାନ ଦିଆଯାଇଛି । ସାନକୋଦଣ୍ଡା ପଞ୍ଚାୟତ ମହାଗୁଡ଼ା ସରପଡ଼ା ରାସ୍ତାରେ ୫ କୋଟି ୬୬ଲକ୍ଷ ଟଙ୍କା ବ୍ୟୟରେ ଏକ ନୂତନ ସେତୁ ହେବ । ଉକ୍ତ ସେତୁ ହେଲେ ଲୋକେ ଗମନାଗମନର ସୁବିଧା ପାଇବେ । ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତ୍ୟେକ ପଞ୍ଚାୟତର ଉନ୍ନତି ପାଇଁ ୫୦ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦିଆଯାଇଛି ବୋଲି ମନ୍ତ୍ରୀ ଆରୁଖ କହିଥିଲେ । ମନ୍ତ୍ରୀ ପ୍ରଥମେ ୭୮ ଲକ୍ଷ ଟଙ୍କା ବ୍ୟୟରେ ବିଞ୍ଝିଗିରି ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ । ବାହାଡ଼ାପଦର ପ୍ରାଣୀ ଧନ ସହାୟକ କେନ୍ଦ୍ର କୋଠାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ବିଞ୍ଝିଗିରି,ସାନକୋଦଣ୍ଡା, ଯୋଗିମାରୀ, ବାହାଡ଼ାପଦର ଆଦି ଗ୍ରାମରେ ବିଜେଡ଼ି ପକ୍ଷରୁ ହୋଇଥିବା ଜନସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ଆରୁଖ ଯୋଗଦେଇ ଲୋକଙ୍କ ସହ ଆଲୋଚନା କରିଥିଲେ। ଅବସରରେ ବିଡ଼ିଓ ଶଶି ଭୂଷଣ ମହାପାତ୍ର, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ୟାମ ଘନ ପ୍ରଧାନ, ଗ୍ରାମ୍ୟ ପାଇପ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ନିହାର ରଞ୍ଜନ ସ୍ୱାଇଁ,ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଗୋପବନ୍ଧୁ ମହାପାତ୍ର, ଶୈଳବାଳା ବିଷୋୟୀ, ପୂର୍ବତନ ଜିତେନ୍ଦ୍ର କେଶରୀ ଆରୁଖ,ଏମପି ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ଦେବଦତ୍ତ ପ୍ରଧାନ, ରାଜ କୁମାର ସାହୁ, ସମିତିସଭ୍ୟା ନମିତା ନାଇକ ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରଧାନ ସଭା ଗୁଡ଼ିକରେ ଅଧ୍ୟକ୍ଷତା କରିଥିଲେ।

# ସମର୍ଥକଙ୍କ ସହ ବିଜେଡିରେ ମିଶିଲେ ବିକ୍ରମପୁର ସରପଞ୍ଚ

ଖଲ୍ଲିକୋଟ,୧୮।୧୦(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ୧୧ ନମ୍ବର ଜିଲା ପରିଷଦ ଜୋନରେ ଘରେ ଘରେ ଶଙ୍ଖ ଓ ଜନସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ପ୍ରଚାର କରିଥିଲେ। ୨୦୨୪ରେ ବିଜେଡି ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟଙ୍କ ହାତ ମୁଠା ଟାଣ କରି ପୁଣି ନିର୍ବାଚିତ କରିବା ପାଇଁ ଜିଲର ସଭାପତି ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ସେହିପରି ବିକ୍ରମପୁରଠାରେ ସ୍ୱାଧୀନ ଭାବେ ବିଜୟ ଲାଭ କରିଥିବା ସରପଞ୍ଚ ପ୍ରଶ୍ନ ଆଚାର୍ଯ୍ୟ ବିଜେଡିରେ ନିଜ ସମର୍ଥକଙ୍କ ସହ ଯୋଗଦାନ କରିଥିଲେ।

## ଘରେ ଘରେ ଶଙ୍ଖ, ଜନସମ୍ପର୍କ ଯାତ୍ରା



ବିଜେଡି ଗଞ୍ଜାମ ଜିଲା ସଭାପତି ଚ୍ୟାଉ ପଟ୍ଟନାୟକ ଏବଂ ଖଲ୍ଲିକୋଟ ବିଧାୟିକା ବୈଦ୍ୟ ଉପଢୌକନ ଓ ଫୁଲ ମାଳ ଦେଇ ସରପଞ୍ଚଙ୍କୁ ସ୍ୱାଗତ କରିଥିଲେ। ଏହି ପଦଯାତ୍ରା ସମୟରେ ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରା, ଜିଲା ପରିଷଦ ସଭ୍ୟ ବିନାୟକ ଜାଲ୍ଲୀ, ଶୋନମ ପଲେଇ, ଗଙ୍ଗାଧର ଖୁଣ୍ଟିଆ, ବରିଷ୍ଠ ବିଜେଡି ନେତା କିଶୋର ପଲେଇ, ମହିଳା ବିଜେଡି ନେତ୍ରୀ ମିତାଞ୍ଜଳି ମିଶ୍ର, ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ବଧି ନୂଆଁପଲ୍ଲି, ବିକ୍ରମପୁର, ମାଣିକପୁର, କହ୍ନେଇପୁର ଓ ୧୧ ନମ୍ବର ଯୋନର ସମସ୍ତ ପଞ୍ଚାୟତର ଜନସାଧାରଣ ପଦଯାତ୍ରାରେ ଯାଇଥିଲେ।

# ପଞ୍ଚାୟତ ସମିତି ବୈଠକ, ୭ ବିଭାଗର ଅଧିକାରୀ ଅନୁପସ୍ଥିତ

ତୁମୁଡିବନ୍ଧ,୧୮।୧୦(ଦିପକ କୁମାର ପରାସେଠ)

ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଡିଓ ଲକ୍ଷ୍ମଣ ଚରଣ ସୋରେନ ସମସ୍ତ ଜନ ପ୍ରତିନିଧି ଓ ସରକାରୀ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ସଭାପତି ଭାବେ ପରିଚାଳନା କରିବା ପାଇଁ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝିଙ୍କୁ ଦାୟିତ୍ୱ ଦେଇଥିଲେ। ସଭାପତି ବ୍ଲକ ଅଧ୍ୟକ୍ଷା ମାଝି ମଞ୍ଚାସିନ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ଜିଲା ପରିଷଦ ସଭ୍ୟ ନବୀନ ପାତ୍ର ଓ ବିଧାୟକ ପ୍ରତିନିଧି କୁନା ଦଣ୍ଡସେନା ଉପସ୍ଥିତ ଜନପ୍ରତିନିଧି ଓ ସରକାରୀ ଅଧିକାରୀ ସମସ୍ତଙ୍କୁ ସ୍ୱାଗତ କରି ବୈଠକ ଆରମ୍ଭ କରିଥିଲେ। ବୈଠକରେ ଏଗାର ଗୋଟି ବିଭଗର ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିବା ପାଇଁ ତାଲିକାର ପ୍ରଥମରେ ଜଙ୍ଗଲ ଓ ମୃତ୍ତିକା ସଂରକ୍ଷଣ ବିଭାଗ ଆରମ୍ଭ ବେଳେ ବିଭାଗୀୟ ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ସମସ୍ତ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ଉଦ୍ୟାନ ଓ କୃଷି ବିଭାଗ ଉପରେ ଆଲୋଚନା କରି ତୁମୁଡିବନ୍ଧ ବ୍ଲକର ଚାଷୀମାନଙ୍କୁ ସରକାରଙ୍କ ସମସ୍ତ ଯୋଜନା ପହଞ୍ଚି ପାରିବ ସେନେଇ କୁହାଯାଇଥିଲା। ପ୍ରାଥମିକ ଶିକ୍ଷା ଉପରେ ଆଲୋଚନା କରି ଭିତର ଅଞ୍ଚଳର ସ୍କୁଲ ଗୁଡିକରେ ଶିକ୍ଷକ ମାନେ ଅପରାହ୍ନ ୨ଟା ପରେ ସ୍କୁଲ ବନ୍ଦ କରି ଆସୁଥିବା ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଥିବାରୁ ତାହା ଉପରେ କୌଣସି ଆଲୋଚନା ହୋଇ ପାରିନଥିଲା। ମହିଳା ଓ ଶିଶୁ ବିକାଶ ଯୋଜନା ଉପରେ ଆଲୋଚନା କରି ଭିତର ଅଞ୍ଚଳର ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ରରେ ରହୁଥିବା ଶିଶୁ ଓ ମହିଳା ମାନେ ଛତୁଆ ଓ ଅଣ୍ଡା ପାଉନଥିବା ଅଭିଯୋଗ ହୋଇଥିଲା। ବିଭାଗୀୟ ଅଧିକାରୀ ଏଥିପ୍ରତି ଧ୍ୟାନ ଦେବାକୁ କହିଥିଲେ। ପ୍ରାଣୀ ଚିକିତ୍ସା ଉପରେ ଆଲୋଚନା କଲାବେଳେ ତୁମୁଡିବନ୍ଧ ବ୍ଲକରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଅଧିକାରୀ ନଥିବା ଜଣାପଡ଼ିଛି।

# ୩ ମାସ ବିଳମ୍ବରେ ଚାରା ବିକ୍ରି ନେଇ ଚାଷୀ ହତାଶ

ଦାରିଙ୍ଗବାଡ଼ି,୧୮।୧୦(ଅରୁଣ ସାହୁ)

- ଉଦ୍ୟାନ ବିଭାଗର ଅବହେଳା
- ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ନିୟମିତ ରହୁନାହାନ୍ତି

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ହଳଦୀ ଚାଷରେ ଯେମିତି ଚାଷୀଙ୍କ ଗୁରୁତ୍ୱ ରହିଛି ସେମିତି ଉଦ୍ୟାନ ଚାଷ ପ୍ରତି ମଧ୍ୟ ଆଗ୍ରହ ରହିଛି। ହେଲେ ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ ଅଧିକାରୀ ଦୁଇ ଦୁଇଟି ବ୍ଲକର ଦାୟିତ୍ୱରେ ରହିଥିବା ବେଳେ ଦାରିଙ୍ଗବାଡି ଉଦ୍ୟାନ ବିଭାଗର କାର୍ଯ୍ୟ ଅବହେଳାକୁ ନେଇ ଚାଷୀଙ୍କ ମହଲରେ ଚିନ୍ତା ବୃଦ୍ଧି ପାଇଛି। ବୃହତ ବ୍ଲକ ଭାବେ ରହିଥିବା ଦାରିଙ୍ଗବାଡିରେ ଉଦ୍ୟାନ ଅଧିକାରୀ ନିୟମିତ ରହୁନାହାନ୍ତି। ସେ ଦାରିଙ୍ଗବାଡିର ନିୟମିତ ଓ ବାଲିଗଡ଼ାରେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି କିନ୍ତୁ ସେ ବାଲିଗୁଡ଼ାରେ ହିଁ ରହୁଥିବାରୁ ଦାରିଙ୍ଗବାଡି ଅଞ୍ଚଳରେ ଚାଷୀମାନେ ବହୁ ହଇରାଣ ଭୋଗୁଛନ୍ତି। ଏବେ ଚାଷର ଅର୍ଥାତ ଚାରା ରୋପଣର ପ୍ରକୃଷ୍ଟ ସମୟ ତିନିମାସ ବିତିଯାଇଥିବା ବେଳେ ଏବେ ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ କାଜୁ, ଆମ୍ବ ଏବଂ ଲେମ୍ବୁ ଚାରା ବିକ୍ରି କରାଯାଉଛି। ଫଳରେ ଚାଷୀ ଯେଉଁ ଚାରା ଅର୍ଥ ଲଗାଇ କିଣି ନେଉଛନ୍ତି ତାହା ବଞ୍ଚିବା ନେଇ ଆଶଙ୍କା ଦେଖାଯାଇଥିବା ଅଭିଯୋଗ କରିଛନ୍ତି। ଯେଉଁସବୁ ଚାରା ବଣ୍ଟନ ହେଉଛି ସେଗୁଡିକ ବହୁତ ନଷ୍ଟ ମଧ୍ୟ ହୋଇଥିବା ଦେଖିବାକୁ ମିଳିଛି। ଚାଷୀ ଉଦ୍ୟାନ ଚାଷପାଇଁ କାଜୁ, ଲିଚୁ, ଆମ୍ବ, ଲେମ୍ବୁ ସହ ଫୁଲକୋବି, ବନ୍ଧା କୋବି, ବାଇଗଣ, ଟମାଟୋ, ବିନ୍ସ ଆଦି ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁଥିବା ବେଳେ ଚାଷୀଙ୍କ ଆଗ୍ରହକୁ ଦେଖି ବିଭାଗ ସମୟରେ ଯଦି ବିହନ, ଚାରା ଯୋଗାଇ ଦେଇଥାନ୍ତା ତେବେ ଅଞ୍ଚଳରେ ଚାଷୀମାନେ ନିଶ୍ଚିତ ଫଳପ୍ରଦ ପାଇଥାନ୍ତେ ବୋଲି କେତେଜଣ ଚାଷୀ କହିଛନ୍ତି। ପୂର୍ବରୁ ଇନପୁଟ ସବ୍‌ସିଡିରେ ନଡ଼ିଆ, ଲେମ୍ବୁ, ଆମ୍ବ ଆଦି ଦିଆଯାଇଥିଲା ପୋଖରୀ ହୁଡାରେ ଏହି ଚାରା ରୋପଣ ପାଇଁ ଜଳଛାୟାକୁ ମଧ୍ୟ ଦାୟିତ୍ୱ ମିଳିଥିବା ସହକାରୀ ଉଦ୍ୟାନ ଅଧିକାରୀ ନୀଳାଞ୍ଚଳ ପଣ୍ଡା କହିଛନ୍ତି। ସେ ବାଲିଗୁଡାରେ ଷ୍ଟ୍ରବେରି ଚାଷ ଚାଲିଥିବାରୁ ସେପଟେ ବ୍ୟସ୍ତ ରହିଥିବା ପ୍ରକାଶ କରିଛନ୍ତି। ବିଳମ୍ବରେ ଚାରା ବଣ୍ଟନକୁ ନେଇ ସ୍ଥାନୀୟ ବିଡିଓ ଗଦାଧର ପାତ୍ର ଉଦବେଗ ପ୍ରକାଶ କରିବା ସହ ସେ ଏ ନେଇ ଉଦ୍ୟାନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

# ପାରଳାଖେମୁଣ୍ଡିରେ ଶିଶୁ ମହୋତ୍ସବ ମହକ

ପାରଳାଖେମୁଣ୍ଡି(ଗିରିଧାରୀ ପରିଛା):

ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପାରଳାଖେମୁଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁଙ୍କୁ ନେଇ ଶିଶୁ ମହୋତ୍ସବ ମହକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାଞ୍ଚ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନ ଯଥା ଡ଼େ ଷ୍ଟାର ହୋମ, ଜରାଉ, ମୋହନା, ଶ୍ରୀ ଜଗନ୍ନାଥ ନିକେତନ, ରା.ସିତାପୁର, ନିସାନ ସାଲୋମ, ଗୁମ୍ମା, ଉତ୍କଳ ବାଳାଶ୍ରମ ଓ ପ୍ରାଉଡ଼, ବି.ସୀତାପୁର ଅନୁଷ୍ଠାନର ୧୦୦ରୁ ଉର୍ଦ୍ଧ୍ୱ ଶିଶୁ ଭାଗନେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଦୌରା ଜଜ୍ ପ୍ରଣବ କୁମାର ରାଉତରାୟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଦୌରା ଜଜ୍ ପ୍ରଦୀପ କୁମାର ସାମଲ ଯୋଗଦେଇ ଶିଶୁଙ୍କ ପ୍ରତିଭାକୁ ଚିହ୍ନଟ କରି ତାଙ୍କୁ ସେହି ଦିଗରେ ସମସ୍ତ ସରକାରୀ ସୁବିଧା ଯୋଗାଇଲେ ସେମାନେ ସ୍ୱାବଲମ୍ବି ହେବେ ବୋଲି କହିଛନ୍ତି। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିରେନ୍ଦ୍ର କୁମାର ଦାସ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ବିଶେଷ ଆକର୍ଷଣରେ ଓଡ଼ିଆ ସିନେତାରକା ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ପିଲାଙ୍କ ସହ ମିଶି ଗୀତ ଗାଇବା ସହ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗିମାନଙ୍କୁ ଉତ୍ସାହିତ କରିବା ପାଇଁ କିଶୋର ନ୍ୟାୟ ବୋର୍ଡ଼ର ଅଧ୍ୟକ୍ଷ ସତ୍ୟବ୍ରତ ରଣା, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ରବି ନାରାୟଣ ବେହେରା, ଉପ-ଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସାଇବର ସେଫ୍‌ଟି ସଚେତନତା ସଫଳତା

# ମୋହନା ପ୍ରେସ୍ କ୍ଲବକୁ ସମ୍ବର୍ଦ୍ଧିତ କଲେ ଗଜପତି ଏସ୍‌ପି



ମୋହନା ପ୍ରେସ କ୍ଲବକୁ ସମ୍ବର୍ଦ୍ଧିତ କରୁଛନ୍ତି ଗଜପତି ଏସ୍‌ପି।

ମୋହନା,୧୮।୧୦(ମନ୍ମଥ ମିଶ୍ର)

ଗତ ୨ ତାରିଖଠାରୁ ଗଜପତି ଜିଲା ପୋଲିସ ପକ୍ଷରୁ ଚାଲିଥିଲା ସାଇବର ସେଫଟି ସଚେତନତା କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମ ଅବସରରେ ମୋହନା ପ୍ରେସ କ୍ଲବ୍‌ର ଖବରଦାତାମାନେ ବ୍ୟାପକ ମାତ୍ରାରେ ପ୍ରଚାର କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ସାଇବର ଠକମାନେ ସକ୍ରିୟ ହୋଇଥିବା ବେଳେ ଲୋକେ ମଧ୍ୟ ଅଧିକ ମାତ୍ରାରେ ଠକେଇର ଶିକାର ହେଉଛନ୍ତି। ତେଣୁ ଲୋକେ ସଚେତନ ହେବାର ଆବଶ୍ୟକତା ରହିଛି। ତେଣୁ ଓଡ଼ିଶା ପୋଲିସ୍ ପକ୍ଷରୁ ଏଭଳି ସଚେତନତା କାର୍ଯ୍ୟକ୍ରମ କରଯାଇଥିଲା। ଏଥିରେ ମୋହନା ପ୍ରେସ କ୍ଲବ ସହଯୋଗ କରିଥିବା ଯୋଗୁ ଗଜପତି ଏସ୍‌ପି ସ୍ୱାତି ଏସ୍ କୁମାର ମାନପତ୍ର ସହ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ମଙ୍ଗଳବାର ମୋହନା ଥାନାରେ ଥାନା ଅଧିକାରୀ ବସନ୍ତ ସେଠୀ ଓ ଅଡ଼ବା ଥାନା ଅଧିକାରୀ ସୁଭ୍ରାନ୍ତ ପଣ୍ଡା ମୋହନା ପ୍ରେସ୍ କ୍ଲବର ସମସ୍ତ ଖବରଦାତାଙ୍କୁ ଏହି ମାନପତ୍ର ଓ ପୁରସ୍କାର ପ୍ରଦାନ କରିଛନ୍ତି। ଏଥିପାଇଁ ମୋହନା ପ୍ରେସକ୍ଲବ ପକ୍ଷରୁ ଗଜପତି ଏସ୍‌ପିଙ୍କୁ କୃତଜ୍ଞତା ଜଣାଯାଇଛି।

### ଘାଟିରେ ଓଲଟିଲା କାଠ ବୋଝେଇ ଟ୍ରକ୍

ବାଲିଗୁଡା,୧୮।୧୦(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଗୋପାଳପୁରଠାରୁ ରାୟପୁର ଦେଇ ଯାଇଥିବା ୫୯ ନଂ. ଜାତୀୟ ରାଜପଥ ଗଦ୍ରିଙ୍ଗିଆ ଘାଟିରେ ଏକ କାଠ ବୋଝେଇ ଟ୍ରକ (ୟୁପି-୬୭-ଟି- ୮୮୫୧) ଭାରସାମ୍ୟ ହରାଇ ଓଲଟି ପଡିଛି। ଟ୍ରକଟିର ବିଶେଷ କ୍ଷତି ହୋଇଥିଲେ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି ବିହାର ଅଞ୍ଚଳର ଡ୍ରାଇଭର୍। ଉକ୍ତ ଟ୍ରକଟି ଝାଡ଼ଖଣ୍ଡକୁ ଯାଉଥିବା ବେଳେ ଘାଟିରେ ବ୍ରେକ୍ ଓ ଷ୍ଟିଅରିଂ କାମ ନ କରିବା ଫଳରେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ବାଲିଗୁଡ଼ା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

### ଧଳାବାଡ଼ି ଦିବସରେ ଆଶାବାଡ଼ି ବଣ୍ଟନ

କବିସୂର୍ଯ୍ୟନଗର,୧୮।୧୦ (କୃପାସିନ୍ଧୁ ସ୍ୱାଇଁ)

ଅନ୍ତର୍ଜାତୀୟ ଲୁଇସ ବ୍ରେଲି ଦୃଷ୍ଟିହୀନ ସଂଗଠନର ବାର୍ଷିକ ଉତ୍ସବ ସଭାନେତ୍ରୀ ଇ. ମାହେଶ୍ୱରୀ ଦୋରାଙ୍କ ତତ୍ତ୍ୱାବଧାନରେ ଧଳାବାଡି ବଣ୍ଟନ କରାଯାଇଛି । ଦୃଷ୍ଟିହୀନଙ୍କ ଆଶାର ବାଡ଼ି ହେଉଛି ଏହି ଧଳାବାଡି । ଏହି ପରିପେକ୍ଷୀରେ ସମସ୍ତ ଦୃଷ୍ଟିହୀନ ସହରରେ ପଦଯାତ୍ରା କରିଥିଲେ। ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ବିଡିଓ ସନ୍ତୋଷ କୁମାର ଜେନା, ମୁଖ୍ୟବକ୍ତା ବିଏସ୍‌ଏସ୍‌ଓ ସୁପ୍ରିୟା ତ୍ରିପାଠୀ, ସମ୍ମାନିତ ଅତିଥି ଡ. ନଳିନୀ ପ୍ରଭା ଦାସ, ରବୀନ୍ଦ୍ର କୁମାର ମଲ୍ଲ, ଶୁକ୍ରିୟା ରାଉତ, ବଭ୍ରୁବାହାନ ସ୍ୱାଇଁ, ପବିତ୍ର ରାଉତ, ରାଜଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ କୃଷିଭିତ୍ତିକ କର୍ମଶାଳା

ଟିକାବାଲି,୧୮।୧୦(ଗଗନ ବିହାରୀ ପଟନାୟକ):

ଟିକାବାଲି ବ୍ଲକ ଗଦଗୁଡା ଗ୍ରାମପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ବୁଧବାର ବ୍ଲକସ୍ତରୀୟ କୃଷକ ମାନଙ୍କୁ ନେଇ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ତାଲିମର ମୁଖ୍ୟ ଉର୍ଦ୍ଦେଶ୍ୟ ଥିଲା ମହିଳା ଚାଷୀଙ୍କୁ ସଶକ୍ତି କରଣ କରାଇବା, ଛତୁ ମିଶନ, ପଣସ ମିଶନ, ମସଲା ମିଶନ, ସହିତ ଫୁଲ ଚାଷ, ଆଚର, ପାମ୍ପଡ, ସହିତ ଅନ୍ୟାନ୍ୟ ଚାଷ କରି କିପରି ସ୍ୱାବିଲମ୍ବିହୋଇ ଜୀବିକା ନିର୍ବାହ କରି ପାରିବେ ଏବଂ ବିଭିନ୍ନ ସାହୁକାର ମହାଜନ ଠୁ କିପରି ଋଣୀ ନ ହୋଇ ନିଜେ ବିଭିନ୍ନ ପ୍ରକାର ଚାଷ କରି ଉପକୃତ ହେବେ ଆଦି ନେଇ ଚାଷୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଚାଷୀଙ୍କୁ ପନିପରିବା ଚାଷ, ଛତୁ ଚାଷ ଓ ଫୁଲ ଚାଷ ସମ୍ବନ୍ଧୀୟ ଲିପି ଲେଟ ଆଦି ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ଗଦଗୁଡ଼ା ସରପଞ୍ଚ ପୁଷ୍ପଲତା ପ୍ରଧାନ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସ୍ୱଦେଶ ଚୌଧୁରୀ, କୃଷି ବିଜ୍ଞାନୀ ସୁମିତ୍ରା ହେମ୍ରମ, ଅତିରିକ୍ତ ଉଦ୍ୟାନ ଅଧିକାରୀ ପ୍ରତିଭା ପ୍ରଧାନ, ବନାନୀ ପ୍ରିୟ ଦର୍ଶନୀ, ରାଜେଶ ବିଶ୍ୱାଳଙ୍କ ସହିତ ଅନ୍ୟ କୃଷି ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ପାଖାପାଖି ଶହେରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ଶୁଖି ଆସିଲାଣି ଘୋଡ଼ାହାଡ଼ ଡ୍ୟାମ :ମରୁଡି ଆଶଙ୍କା

ଦିଗପହଣ୍ଡି,୧୮।୧୦(ଅଶେଷ ନାଥ ମିଶ୍ର)



ଶୁଖି ଆସିଲାଣି ଘୋଡ଼ାହାଡ଼ ଡ୍ୟାମ।

ଦିଗପହଣ୍ଡି ସ୍ଥିତ ଘୋଡ଼ାହାଡ଼ ପାଣି ପଞ୍ଚାୟତ ଶୀର୍ଷ କମିଟି କାର୍ଯ୍ୟାଳୟ ସଭା ଗୃହରେ ବୁଧବାର ପାଣି ପଞ୍ଚାୟତ ଶୀର୍ଷ କମିଟି ପକ୍ଷରୁ ଏକ ପରିବର୍ଦ୍ଧିତ ଅଲଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ପାଣି ପଞ୍ଚାୟତ ଶୀର୍ଷ କମିଟି ସଭାପତି ରମେଶ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଆଲୋଚନା ସଭାରେ ଦିଗପହଣ୍ଡି ଘୋଡାହଡ ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ . ଏ ଗୋପାଳ ରାଓ, ସହକାରୀ ଯନ୍ତ୍ରୀ ଇଂ. ସୁଶାନ୍ତ ମହାପାତ୍ର, ଇଂ. ନିରଞ୍ଜନ ସାହୁ, ଇଂ.କ୍ଷୀରୋଦ ବେହେରା, ଶୀର୍ଷ କମିଟି ସମ୍ପାଦକ କୀର୍ତ୍ତିଚନ୍ଦ୍ର ଗୌଡ ଓ କୋଷାଧ୍ୟକ୍ଷ ରାମନାଥ ବିଷୋୟୀଙ୍କ ସମେତ ୨୧ ପାଣି ପଞ୍ଚାୟତ କମିଟିର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ। ଘୋଡାହାଡ଼ ଡ୍ୟାମର ଜଳଧାରଣ କ୍ଷମତା ୧୧୭.୮୦ ମିଟର ରହିଥିବା ବେଳେ ଚଳିତ ବର୍ଷ ବର୍ଷା ଅଭାବ କାରଣରୁ ଡ୍ୟାମର ଜଳସ୍ତର କ୍ରମଶଃ ହ୍ରାସ ପାଇ ବୁଧବାର ଅପରାହ୍ନ ସୁଦ୍ଧା ୧୦୯.୩୫ ମିଟରରେ

## ପାଣି ପଞ୍ଚାୟତର ପରିବର୍ଦ୍ଧିତ ଆଲୋଚନା ସଭା

ପହଞ୍ଚିଛି। ଯାହାକି ଏହି ଡ୍ୟାମର ଜଳରାଶି ଉପରେ ନିର୍ଭର କରୁଥିବା ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ ଅଞ୍ଚଳର ବହୁ ଚାଷ ଜମି ପ୍ରଭାବିତ ହୋଇଥିବା ଜଣାପଡିଛି। ଏପରିକି ଡ୍ୟାମରୁ ଚଳିତ ବର୍ଷ ଖରିଫ ଧାନ ଚାଷ ନିମନ୍ତେ କେନାଲ ଯୋଗେ ଡ୍ୟାମରୁ ପାଣି ଛଡ଼ା କାର୍ଯ୍ୟ ଚାଲୁ ରହିଛି। ଏଭଳି ସ୍ଥିତିରେ ଡ୍ୟାମରୁ ଆଉ ମାତ୍ର ୫ ଦିନ ପାଣି ଛଡାଯିବାକୁ ସଭାରେ ନିଷ୍ପତ୍ତି ନିଆଯାଇଛି। ଆବଶ୍ୟକ ବର୍ଷା ନହେଲେ ଚଳିତ ବର୍ଷ ମରୁଡି ହେବା ନେଇ ଘୋଡାହାଡ଼ ସେଚାଞ୍ଚଳର ସମସ୍ତ ପାଣି ପଞ୍ଚାୟତ କମିଟି ସଦସ୍ୟଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇବା ସହ ପାଣି ସରିବା ଯାଏ ଡ୍ୟାମରୁ କେନାଲ ଯୋଗେ ଜଳଯୋଗାଣ କରାଯିବା ନିମନ୍ତେ ସଭାରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଏପରିକି ଘୋଡାହାଡ଼ ସେଚାଞ୍ଚଳ ଅଧିନରେ ଥିବା ସମସ୍ତ ଅଚଳ ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକୁ ଜରୁରୀକାଳୀନ ଭିତ୍ତିରେ ଜଳସମ୍ପଦ ବିଭାଗ ଦ୍ୱାରା ମରାମତି କରାଯାଇ ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ସଭାରେ ପ୍ରସ୍ତାବ ଆଗତ କରାଯାଇଥିଲା। ସେହିପରି ଦିଗପହଣ୍ଡି ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ନିମନ୍ତେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପାଣି ପଞ୍ଚାୟତ ଶୀର୍ଷ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ଆସିକା,(ସୁରେନ୍ଦ୍ର ନାଥ ସାହୁ): ଆସିକା ଥାନା ଅନ୍ତର୍ଗତ ନବରତ୍ନପୁର ଋଷିକୂଲ୍ୟା ନଦୀର ବାଲି ଘାଟରୁ ବେଆଇନ ଭାବେ ଚାଲାଣ ହେଉଥିଲା ବେଳେ ପୋଲିସ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ବୁଧବାର ଜବତ କରିଛି । ଚାଳକ ଜିତେନ୍ଦ୍ର ନାୟକଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ୬୨୩/ ୨୩ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସ୍ୱରୁପ କିଶାନ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ଜୁଆ ଆଡ୍ଡାରୁ ୯ ଗିରଫ

ବ୍ରହ୍ମପୁର,୧୮।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଜୁଆଖେଳ ବନ୍ଦ କରିବା ପାଇଁ ପୋଲିସର ଚଢ଼ାଉ ଜାରି ରହିଛି। ମଙ୍ଗଳବାର ବ୍ରହ୍ମପୁରର ୨ଟି ଥାନା ଅଞ୍ଚଳରେ ଚାଲିଥିବା ଜୁଆଖେଳରେ ପୋଲିସ ଚଢ଼ାଉ କରି ୯ ଜଣଙ୍କୁ ଗିରଫ କରିବା ସହ ୪ଟି ମୋବାଇଲ ଫୋନ୍ ଓ ୪୪,୬୦୦ ଟଙ୍କା ଜବତ କରିଛି। ଟାଉନ ଥାନା ପୋଲିସ ବଗୁଲି ସାହିରେ ଚାଲିଥିବା ଜୁଆ ଆଡ୍ଡାରୁ ୪ଜଣଙ୍କୁ ଗିରଫ କରିଥିଲା। ସେଠାରୁ ପୋଲିସ ୨୮ହଜାର ୧୦୦ ଟଙ୍କା ଓ ଖେଳ ପ୍ରସ୍ତୁତି ସରଞ୍ଜାମ ଜବତ କରିଥିଲା। ଏ ନେଇ ୪୫୨/୨୩ରେ ମାମଲା ରୁଜୁ ହୋଇଛି। ସେହିପରି ବଡବଜାର ଥାନା ପୋଲିସ ହରିଡ଼ାଖଣ୍ଡି ନିକଟ ଲକ୍ଷ୍ମୀବିହାରରେ ଚାଲିଥିବା ଜୁଆ ଆଡ୍ଡାରୁ ୫ ଜଣଙ୍କୁ କାବୁ କରିଥିବା ବେଳେ ଆଉ କେତେଜଣ ଅନ୍ଧାରରେ ଚମ୍ପଟ ମାରିଥିଲେ। ସେଠାରୁ ୧୬,୫୦୦ ଟଙ୍କା, ୪ଟି ମୋବାଇଲ ଫୋନ୍ ଓ ଖେଳ ପ୍ରସ୍ତୁତ ସରଞ୍ଜାମ ଜବତ ହୋଇଥିଲା। ମାମଲା ନଂ,୪୦୦/୨୩ରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୪୧ ସିଆରପିସି ଧାରା ଅନୁସାରେ ୯ ଜଣଙ୍କୁ ଜାମିନରେ ଛାଡି ଦିଆଯାଇଛି।

### ଗୋପାଳପୁର କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବ୍ରହ୍ମପୁର,୧୮।୧୦(ତନୁଶ୍ରୀ ନାହାକ)

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଗୋପାଳପୁର ମହାବିଦ୍ୟାଳୟରେ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ରାମପ୍ରସାଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ, ସାଧାରଣ ଜ୍ଞାନ, ସଂଗୀତ, ରଙ୍ଗୋଲି ଏବଂ ଡ୍ୟାନ୍ସ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗୀତାକୁ ଡ଼.ଲକ୍ଷ୍ମଣ ପାତ୍ର, ଡ. ନିହାରିକା ପାଢ଼ୀ, ଡ଼.ଗିରିଶଚନ୍ଦ୍ର ବେହେରା, ଦେବୀ ପ୍ରସାଦ ପାଢ଼ୀ, ସନ୍ତୋଷ କୁମାର ବେହେରା, ଉମାକାନ୍ତ ସାହୁ, ହରିଶ୍ଚନ୍ଦ୍ର ବିଷୋୟୀ ପ୍ରମୁଖ ପରିଚାଳନା କରିଥିଲେ।

### ବାଣ ଜବତ, ବ୍ୟବସାୟୀ ଗିରଫ

ବ୍ରହ୍ମପୁର,୧୮।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ପୋଲିସ ଲାଞ୍ଜିପଲ୍ଲୀ ଜାତୀୟ ରାଜପଥ -୧୬ କଡ଼ରେ ଥିବା ଏକ ପରିତ୍ୟକ୍ତ ଘରେ ଚଢ଼ାଉ କରି ବେଆଇନ୍ ଭାବେ ଗଚ୍ଛିତ ଥିବା ବାଣ ଜବତ କରିଛି। ସେଠାରୁ ବାଣ ବ୍ୟବସାୟୀ ଲାଞ୍ଜିପଲ୍ଲୀର କେଦାର ମହାରଣାଙ୍କୁ ଗିରଫ କରିଛି। ଲାଞ୍ଜିପଲ୍ଲୀ ଫାଣ୍ଡି ଅଧିକାରୀ ଗିରି ଗୋବର୍ଦ୍ଧନ ଜେନାଙ୍କ ନେତୃତ୍ୱରେ ପୋଲିସ ଟିମ୍ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଲାଞ୍ଜିପଲ୍ଲୀ ଶ୍ମଶାନ ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ବହୁ ପରିମାଣର ବାଣ ଗଚ୍ଛିତ ରଖିଥିବା ଜାଣିବାକୁ ପାଇଥିଲେ। ସେଠାରୁ ବାଣକୁ ଅନ୍ୟତ୍ର ବିକ୍ରି କରାଯାଉଥିବା ଖବର ପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ବ୍ୟବସାୟୀ କେଦାରଙ୍କ ପାଖରେ ବାଣ ବିକ୍ରି କରିବା ଏବଂ ବେଆଇନ ଭାବେ ଗଚ୍ଛିତ କରି ରଖିବାର କୌଣସି ଲାଇସେନ୍ସ ନ ଥିବାରୁ ତାଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ୫୩୨/୨୩ରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଦିନକ ପୂର୍ବରୁ ବଡବଜାର ପୋଲିସ ବହୁ ପରିମାଣର ବାଣ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲା।

# ୧୭ ଲୋକ ସଭା ନିର୍ବାଚନ, ଗଞ୍ଜାମରୁ ୩ ମହିଳା ଏମ୍‌ପି

## ରାଜ୍ୟ ସଭାକୁ ନିର୍ବାଚିତ ଜଣେମାତ୍ର ମହିଳା

ବ୍ରହ୍ମପୁର,୧୮।୧୦ (ନରସିଂହ ସାହୁ)

ସ୍ୱାଧୀନତା ପରବର୍ତ୍ତି ୧୯୫୧-୧୯୫୨ରୁ ୨୦୧୯ ମଧ୍ୟରେ ଦେଶରେ ୧୭ ଲୋକସଭା ନିର୍ବାଚନ ହୋଇଛି । ଏହି ୬୮ ବର୍ଷ ମଧ୍ୟରେ ଗଞ୍ଜାମ ଜିଲାର ଦୁଇ ଲୋକସଭା କ୍ଷେତ୍ରରୁ ମାତ୍ର ୩ ଜଣ ମହିଳା ଏମ୍‌ପି ନିର୍ବାଚିତ ହୋଇଛନ୍ତି। ରାଜ୍ୟସଭା ସଦସ୍ୟା ହୋଇଛନ୍ତି ଜଣେମାତ୍ର ମହିଳା। ତେଣୁ ରାଜନୈତିକ ସଚେତନତା ଏହି ବୃହତ୍ତମ ଜିଲାରୁ ସଂସଦକୁ ମହିଳାଙ୍କ ସଂଖ୍ୟା ନଗଣ୍ୟ ହୋଇଛି। ବହୁ ପ୍ରତିକ୍ଷୀତ ସଂରକ୍ଷଣ ବିଧେୟକ ଆଇନ ଇତିମଧ୍ୟରେ ପାରିତ ହୋଇଛି। ଆଗାମୀ ୨୦୨୯ ନିର୍ବାଚନ ଠାରୁ ଏହା ଲାଗୁ ହେବା ପ୍ରସ୍ତାବ ଥିବା ବେଳେ ଏବେଠୁ ରାଜନୀତିରେ ଥିବା ଅନେକ ଉଚ୍ଚଶିକ୍ଷିତ ମହିଳା ଉତ୍ସାହିତ ଅଛନ୍ତି। ଏମାନଙ୍କ ମଧ୍ୟରେ ବିଭିନ୍ନ ଦଳର ନେତ୍ରୀ ଓ କର୍ମୀ ସୁଯୋଗ ପାଇବା ଆଶା ରଖିଛନ୍ତି।

ପ୍ରଥମେ ଗଞ୍ଜାମ ଓ ପରେ ଛତ୍ରପୁର ଏବଂ ବର୍ତ୍ତମାନ ବ୍ରହ୍ମପୁର ଲୋକସଭା କ୍ଷେତ୍ର ହୋଇଛି। ଅତୀତରେ ଏହି ଆସନରେ ଗଞ୍ଜାମ ଜିଲାର ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର ଓ ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସମେତ ଗଜପତି ଜିଲାର ପାରଳାଖେମୁଣ୍ଡି, ରାମଗିରି ଓ ମୋହନା ଆସନ ଅନ୍ତର୍ଭୁକ୍ତ ଥିଲା। ୨୦୦୯ ନିର୍ବାଚନ ବେଳେ ସୀମା ନିର୍ଦ୍ଧାରଣ ଓ ପୁନର୍ଗଠନ ପ୍ରକ୍ରିୟାରେ ରାମଗିରିକୁ ଉଚ୍ଛେଦ କରାଗଲା। ରାମଗିରିର ବିଭିନ୍ନ ଅଞ୍ଚଳ ପାରଳାଖେମୁଣ୍ଡିରେ ସାମିଲ କରାଗଲା। ମୋହନାରେ ଥିବା ଦିଗପହଣ୍ଡି ବ୍ଲକକୁ ନେଇ ଦିଗପହଣ୍ଡି ନୂଆ ନିର୍ବାଚନ ମଣ୍ଡଳୀ ଗଠନ ହେଲା। ଏବେ ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ଛତ୍ରପୁର, ଗୋପାଳପୁର, ଚିକିଟି, ଦିଗପହଣ୍ଡି, ବ୍ରହ୍ମପୁର, ପାରଳା ଓ ମୋହନା ଆସନ ରହିଛି।

୧୯୮୮ ମଧ୍ୟବର୍ତ୍ତିକାଳୀନ ଲୋକସଭା ନିର୍ବାଚନରେ ବ୍ରହ୍ମପୁର ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ଜୟନ୍ତୀ ପଟ୍ଟନାୟକ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ପାରଳା ରାଜା ତଥା ଭାଜପା ପ୍ରାର୍ଥୀ ଗୋପିନାଥ ଗଜପତିଙ୍କୁ ପରାସ୍ତ କରି ଜୟନ୍ତୀ ପ୍ରଥମ ମହିଳା ଏମ୍‌ପି ହୋଇଥିଲେ। ସେହିପରି ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀରେ ଖଲ୍ଲିକୋଟ, କବିସୂର୍ଯ୍ୟନଗର, ସୋରଡ଼ା, ଆସିକା, ହିଞ୍ଜିଳି, ପୂର୍ବ କୋଦଳା ଓ ବର୍ତ୍ତମାନର ପୋଲସରା ଓ ସାନଖେମୁଣ୍ଡି ବିଧାନସଭା ଅନ୍ତର୍ଭୁକ୍ତ। ୧୯୯୮ ଲୋକସଭା ନିର୍ବାଚନରେ ବିଜେଡି ଓ ଭାଜପା ମେଣ୍ଟ ରାଜନୀତିରେ ନବୀନ ପଟ୍ଟନାୟକ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଚନ୍ଦ୍ରଶେଖର ସାହୁଙ୍କୁ ପରାସ୍ତ କରିଥିଲେ। ପରବର୍ଷ ୧୯୯୯ ନିର୍ବାଚନରେ ବିଜେଡିରୁ ପୁଣି ନବୀନ ଲଢ଼ି ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୦ ସାଧାରଣ ନିର୍ବାଚନରେ ନବୀନ ହିଞ୍ଜିଳି ବିଧାନସଭା କ୍ଷେତ୍ରରୁ ବିଧାୟକ ହେବା ସହ ପ୍ରଥମ ବିଜେଡି-ଭାଜପା ମେଣ୍ଟ ସରକାରର ମୁଖ୍ୟମନ୍ତ୍ରୀ ହେଲେ। ତେଣୁ ସେ ଲୋକସଭାରୁ ଇସ୍ତଫା ଦେଇଥିଲେ। ତେଣୁ ଆସିକା ଲୋକସଭା ଆସନରେ ହୋଇଥିବା ଉପନିର୍ବାଚନରେ ବରିଷ୍ଠ ରାଜନେତା ସ୍ୱର୍ଗତ ରାମକୃଷ୍ଣ ପଟ୍ଟନାୟକଙ୍କ ସ୍ତ୍ରୀ କୁମୁଦିନୀ ପଟ୍ଟନାୟକ ବିଜେଡି ପ୍ରାର୍ଥୀନି ଭାବେ ଲଢ଼ି ଏମ୍‌ପି ହୋଇଥିଲେ। ସେ ଥିଲେ ଗଞ୍ଜାମ ଜିଲାର ଦ୍ୱିତୀୟ ମହିଳା ଏମପି। ୨୦୧୯ ନିର୍ବାଚନରେ ଆସିକା ସଂସଦୀୟ କ୍ଷେତ୍ରରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚେରମାରିଆ ସ୍କୁଲର ମଧ୍ୟାହ୍ନଭୋଜନ ପାଚିକା ପ୍ରମିଳା ବିଶୋଇଙ୍କୁ ପ୍ରାର୍ଥୀ କରି ଜାତୀୟ ରାଜନୀତିରେ ଚର୍ଚ୍ଚାକୁ ଆସିଥିଲେ। ପ୍ରମିଳା ତାଙ୍କ ଭାଜପା ପ୍ରତିଦ୍ୱନ୍ଦ୍ୱୀ ଅନୀତା ଶୁଭଦର୍ଶନୀଙ୍କୁ ବିପୁଳ ଭୋଟରେ ପରାଜିତ କଲେ। ଚର୍ଚ୍ଚିତ ଚେହେରା ପ୍ରମିଳା ଜିଲାର ତୃତୀୟ ମହିଳା ଲୋକସଭା ଏମପି ହୋଇଛନ୍ତି। ତେଣୁ ଗଞ୍ଜାମରୁ ଏଯାବତ୍ ୩ ମହିଳା ଲୋକସଭାକୁ ନିର୍ବାଚିତ ହୋଇଛନ୍ତି।

ଅପରପକ୍ଷରେ ୨୦୦୮ରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ ଗଞ୍ଜାମ ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ରେଣୁବାଳା ପ୍ରଧାନ ବିଜେଡିରୁ ନିର୍ବାଚିତ ହୋଇ ୨୦୧୪ ପର୍ଯ୍ୟନ୍ତ ଏମପି ଥିଲେ। ରେଣୁବାଳା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ରାଜ୍ୟର ବରିଷ୍ଠ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ଗୋବିନ୍ଦ ପ୍ରଧାନଙ୍କ ନାତୁଣି। ହିଞ୍ଜିଳି ବିଧାନସଭା କ୍ଷେତ୍ରରୁ ପୁରୁଷୋତ୍ତମପୁର ବିଚ୍ଛିନ୍ନ ହୋଇ ଶେରଗଡ଼ ବ୍ଲକ ଅନ୍ତର୍ଭୁକ୍ତ ହେବାରୁ ବିଭିନ୍ନ କାରଣରୁ ରେଣୁବାଳାଙ୍କୁ ବିଜେଡି ରାଜ୍ୟସଭାକୁ ପଠାଇଥିଲା। ୨୦୦୯ ନିର୍ବାଚନରେ ଦଳକୁ ସହାୟକ ହୋଇଥିବା ଚର୍ଚ୍ଚାର ବିଷୟ ପାଲଟିଥିଲା।



ଗୋପାଳପୁର ମହାବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ଚିରଞ୍ଜିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ନିମଖଣ୍ଡି ଗ୍ରାମ ଦେବତୀଙ୍କ ନବରାତ୍ର ପୂଜା

ବ୍ରହ୍ମପୁର,୧୮।୧୦(ସ୍ମୃତି ରଞ୍ଜନ ମହାଲିକ)

ସହର ଉପକଣ୍ଠସ୍ଥ ନିମଖଣ୍ଡି ଗ୍ରାମ ଦେବତୀଙ୍କ ମନ୍ଦିରରେ ନବରାତ୍ରୀ ପୂଜା ଚାଲିଛି। ଗ୍ରାମ ଦେବତୀଙ୍କୁ ଭୋର ୪ଟାରୁ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛି। ମା'ଙ୍କର ଷୋଡଶ ଉପଚାର ପୂଜା କରାଯାଉଥିବା ପୁରୋହିତ କୁନା ଶତପଥୀ କହିଛନ୍ତି। ମହାସପ୍ତମୀ, ମହାଷ୍ଟମୀ ହୋମ ସହ ସନ୍ଧି ପୂଜା, ଚଣ୍ଡୀପାଠ ଆଦି ହେବ। ମହାନବମୀରେ ହୋମ ପୂର୍ଣ୍ଣାହୁତି କରାଯିବ। ମନ୍ଦିର କମିଟିର ସଭାପତି ଅକ୍ଷୟ କୁମାର ଶତପଥୀଙ୍କ ସମେତ ବାବୁଲା ସାହୁ, ଅଶୋକ କୁମାର ସାହୁ, ଡା ବିପିନ ବିହାରୀ ସାହୁ, ଶିଶିର କୁମାର ପାଢି, ପ୍ରଭାତ କୁମାର ରଥ, ପୂଜକ ଲକ୍ଷ୍ମୀ ନାରାୟଣ ଗନ୍ତାୟତ, ପୂର୍ଣ୍ଣ ଚନ୍ଦ୍ର ଗନ୍ତାୟତ ଏବଂ ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।


ନିମଖଣ୍ଡି ଗ୍ରାମ ଦେବତୀ।

## ଆଇଆଇପି ଟିମ୍‌ର ଆଚାର ୟୁନିଟ୍ କେନ୍ଦ୍ର ପରିଦର୍ଶନ

ବ୍ରହ୍ମପୁର,୧୮।୧୦(ସ୍ମୃତି ରଞ୍ଜନ ମହାଲିକ)

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ମୁମ୍ବାଇ ଇଣ୍ଡିଆନ ଇନିଷ୍ଟିଚ୍ୟୁଟ ପ୍ୟାକେଜିଂ (ଆଇଆଇପି)ର ଏକ ଟିମ ଗଞ୍ଜାମ ଗସ୍ତରେ ଆସି ମିଶନ ଶକ୍ତି ଅଧୀନରେ ରହିଥିବା ବିଭିନ୍ନ ଖାଦ୍ୟ ପ୍ରସ୍ତୁତକାରୀ ସଂସ୍ଥା ବୁଲି ଦେଖିଛନ୍ତି। ଟିମ୍ ବ୍ରହ୍ମପୁର ସହରର ଅନ୍ଧପସରା ରୋଡଠାରେ ଥିବା ମିଶନ ଶକ୍ତି ଆଚାର ଉତ୍ପାଦନ କେନ୍ଦ୍ରକୁ ପରିଦର୍ଶନ କରିଛନ୍ତି। ଏହି ଟିମ ଆଚାର ପ୍ରସ୍ତୁତି, ସ୍ୱଚ୍ଛତା ଓ ପରିଚ୍ଛନ୍ନତା ସହ ପ୍ୟାକିଂକୁ ପରଖିଥିଲେ। ଆଗାମୀ ଦିନରେ ମିଶନ ଶକ୍ତି ମହିଳାଙ୍କୁ ଓରମାସ ଦ୍ୱାରା ଅତ୍ୟାଧୁନିକ ପ୍ୟାକିଂର ତାଲିମ କୌଶଳ ପ୍ରଦାନ କରାଯିବ ବୋଲି ଆଇଆଇପିର ସହ ନିର୍ଦ୍ଦେଶକ ଡ. ବାବୁ ରାଓ ଗୁଡୁରି କହିଥିଲେ। ଏଥିସହ ଆଚାରର ହାଇଜେନିକ ବୃଦ୍ଧି ସହ ମାର୍କେଟିଂ କିଭଳି ଅଧିକା ହେବ ସେ ନେଇ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ଓରମାସର ନିଶାରାଣୀ ପଣ୍ଡା, ଇତିଶ୍ରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


ଆଚାର କେନ୍ଦ୍ର ବୁଲି ଆସିଥିବା ଆଇଆଇପି ସହ ନିର୍ଦ୍ଦେଶକ ଓ ଅନ୍ୟମାନେ।

# ପୋଲିସର ବୟାନ ରେକର୍ଡ

## ଛାତ୍ରୀଙ୍କୁ ଅସଦାଚାରଣ ମାମଲା

ବ୍ରହ୍ମପୁର,୧୮।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକସୋ ଜଜ ଗଣେଶ୍ୱର ପତିଙ୍କ କୋର୍ଟରେ ପୋଲିସ ସାକ୍ଷୀ ଭାବେ ଗୋଳନ୍ଥରା ଏଏସଆଇ ସ୍ମିତା ଜେନା ହାଜର ହୋଇଥିଲେ। ଅସଦାଚରଣର ଶିକାର ହୋଇଥିବା ଜଣେ ପୀଡ଼ିତାଙ୍କ ବୟାନ ନେଇଥିବାରୁ ମାମଲାର ୯ମ ସାକ୍ଷୀ ଭାବେ ଏଏସଆଇ କୋର୍ଟରେ ହଜାର ହୋଇ ଘଟଣା ସମ୍ପର୍କରେ ବୟାନ ଦେଇଥିଲେ। ଯାହାକି କୋର୍ଟରେ ରେକର୍ଡ କରାଯାଇଛି। ଏହି ମାମଲାର ପରବର୍ତ୍ତୀ ସାକ୍ଷୀ ଭାବେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଗୋଳନ୍ଥରା ଥାନାର ଏସଆଇ ଜୟନାଥ ପ୍ରଧାନ ଆସନ୍ତା ନଭେମ୍ବର ୧ତାରିଖରେ କୋର୍ଟରେ ହାଜର ପାଇଁ ଦିନ ଧାର୍ଯ୍ୟ ହୋଇଛି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରି ମକଦ୍ଦମା ପରିଚାଳନା କରୁଛନ୍ତି। ମାମଲାରୁ ପ୍ରକାଶ ଯେ, ୨୦୧୯ ଜୁଲାଇ ୧୬ ତାରିଖ ସକାଳେ ଦୁଇ ଜଣ ୧୪ ବର୍ଷର ନାବାଳିକା ସ୍କୁଲ ଯାଉଥିଲେ। ରାସ୍ତାରେ ଜଣେ ଯୁବକ ଏକ ଗାଡ଼ିରେ ଆସି ସେମାନଙ୍କୁ ଅଟକାଇ ରାଧାମୋହନପୁର କେତେ ଦୂର ବୋଲି ପଚାରିଥିଲେ। ପରେ ସମ୍ପୃକ୍ତ ଯୁବକ ଜଣେ ନାବାଳିକା ଛାତ୍ରୀଙ୍କୁ ଭିଡ଼ି ଧରି ତାଙ୍କୁ ଅସଦାଚାରଣ କରିଥିଲେ। ନିକଟରେ ଥିବା ଅନ୍ୟ ନାବାଳିକା ଏହାର ପ୍ରତିବାଦ କରିବାରୁ ଯୁବକ ଜଣଙ୍କ ତାଙ୍କୁ ଧରିବା ପାଇଁ ଉଦ୍ୟମ କରିବାରୁ ସେ ଦୌଡ଼ି ପଳାଇ ଚିତ୍କାର କରିଥିଲେ।ଫଳରେ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଥିଲେ। ଛାତ୍ରୀ ଦ୍ୱୟ ନିଜ ଘରକୁ ଆସି ଘଟଣା ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପିଡ଼ିତାଙ୍କ ପକ୍ଷରୁ ଏନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଥିଲା। ମର୍ଯ୍ୟାଦା ହାନି ଘଟିଥିବା ନେଇ ଛାତ୍ରୀ ଅଭିଯୋଗ କରିବା ଆଧାରରେ ଥାନାରେ ୧୭୨/ ୧୯ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଘାଟି କାଲୁଆର ଡୁଡୁ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ସେ ଜାମିନ ପାଇଥିଲେ।

### ବାଇକ ସହ ରନ୍ଧାମଦ ଜବତ,୨ ଗିରଫ

ଆସିକା,୧୮।୧୦(ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅନ୍ତର୍ଗତ ଗୁଣ୍ଡପଡା ନିକଟସ୍ଥ ଗୋଲାବନ୍ଧପଲ୍ଲୀ ଛକରୁ ପୋଲିସ ବାଇକ୍ ସହ ରନ୍ଧାମଦ ଜବତ କରିଛି। ୨ଟି ଜାରରେ ଥିବା ୪୦ ଲିଟର ରନ୍ଧାମଦ ସହ ବାଇକକୁ ଜବତ କରିଛି । ଏହି ମାମଲାରେ ଗାଙ୍ଗପୁର ଥାନା ଅନ୍ତର୍ଗତ ଗୁଡିବନ୍ଧ ଗ୍ରାମର ଶୟନ ପ୍ରଧାନ ଓ କେନ୍ଦୁପଦର ଗ୍ରାମର ରାଜା ନାୟକଙ୍କୁ ଗିରଫ କରାଯାଇଛି। ସେମାନେ କଳାସୁତା ଗ୍ରାମର ଜଣେ ମଦ ବ୍ୟବସାୟୀଙ୍କ ନିକଟରେ ମଦ ପହଞ୍ଚାଇବା କାର୍ଯ୍ୟରେ ନିୟୋଜିତ ରହିଥିବା ପୋଲିସରେ ବୟାନ ଦେଇଛନ୍ତି। ପୋଲିସ ଆସିକା ଥାନାରେ ୬୨୦/୨୩ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସ୍ୱରୁପ କିଶାନ ସୂଚନା ଦେଇଛନ୍ତି।

# ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ତମାଖୁମୁକ୍ତ କରିବାକୁ ଆହ୍ୱାନ



ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ତମାଖୁ ନିରୋଧ କର୍ମଶାଳାରେ ଉପସ୍ଥିତ କୁଳପତି, ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୧୮।୧୦(ତନୁଶ୍ରୀ ନାହାକ)

ବ୍ରହ୍ମପୁର ରୋଟାରୀ କ୍ଲବ ସେଣ୍ଟ୍ରାଲ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ବୁଧବାର ନୂତନ ସମ୍ମିଳନୀ କକ୍ଷରେ ତମାଖୁ ନିରୋଧ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଉଦଘାଟନ କରିଥିଲ। ବର୍ତ୍ତମାନର ଯୁବପିଢୀ ପଥଭ୍ରଷ୍ଟ ହୋଇ ତମାଖୁ କବଳରେ ପଡି ନିଜ ସ୍ୱାସ୍ଥ୍ୟହାନୀ କରୁଛନ୍ତି। ଏଥିରୁ ନିବୃତ୍ତ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀଙ୍କୁ ସେ ଉପଦେଶ ଦେବା ସହ କ୍ୟାମ୍ପସକୁ ତମାଖୁମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଛାତି ରୋଗ ବିଶେଷଜ୍ଞ ପ୍ରଫେସର ନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ତମାଖୁ ସେବନର କୁପ୍ରଭାବ ଓ ଏହାଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ରୋଗର ଲକ୍ଷଣ ସଂପର୍କରେ ଆଲୋଚନା କରିଥିଲେ। ତମାଖୁ ସେବନ ଯୋଗୁଁ ବିଶ୍ୱରେ ପ୍ରତି ୪ ସେକେଣ୍ଡରେ ଜଣଙ୍କ ଜୀବନ ଯାଉଥିବା ସେ କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ଉପସ୍ଥିତ ଥିଲେ। ରୋଟାରୀ କ୍ଲବ ସେଣ୍ଟ୍ରାଲ ସଭାପତି ମୋହନ ସୁବୁଦ୍ଧି ଅତିଥି ଭାବେ ଉପସ୍ଥିତ ଥିଲେ। ଏନଏସଏସ ସଂଯୋଜକ ଡକ୍ଟର ଜୟନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ ବିଭିନ୍ନ ବିଭାଗରୁ ୨ଶହରୁ ଅଧିକ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ମାନେ ଯୋଗ ଦେଇଥିଲେ। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଶକ୍ତି ରଞ୍ଜନ ଦାଶ କର୍ମଶାଳାକୁ ପରିଚାଳନା କରିଥିବା ବେଳେ ଡକ୍ଟର ଇତିଶ୍ରୀ ଗୀତା କୁମାରୀ ସହଯୋଗ କରିଥଲେ।

### ମହିଳା କର୍ପୋରେଟରଙ୍କୁ ଆକ୍ରମଣ ଘଟଣା, ଠିକାଦାର ଗିରଫ

ବ୍ରହ୍ମପୁର,୧୮।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବିଏମ୍‌ସି ୩୭ନଂ ୱାର୍ଡ଼ କର୍ପୋରେଟର୍ ବନିତା ସାହୁଙ୍କୁ ମାଡ଼ ମାରିବା ଓ ଅସଦାଚରଣ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଜଣେ ଠିକାଦାରଙ୍କୁ ଗିରଫ କରିଛି। ସେ ହେଲେ କିରଣ କୁମାର ସାହୁ। ମାମଲା ନଂ.୫୩୦/୨୩ରେ ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ବିଏମସିର ୩୭ନଂ ଓ ୩୮ନଂ ୱାର୍ଡ଼ର ସୀମା ବିବାଦର ସମାଧାନ ପାଇଁ ମଙ୍ଗଳବାର ବିଏମସିର ଷ୍ଟାଡିଂ କମିଟି ସଦସ୍ୟଙ୍କ ସହ ମେୟର, ଡେପୁଟି ମେୟର, କମିଶନର ଓ ଅନ୍ୟ କର୍ତ୍ତୃପକ୍ଷ ବିବାଦୀୟ ସ୍ଥଳକୁ ଯାଇଥିଲେ। ଦୁଇ ୱାର୍ଡ଼ର କର୍ପୋରେଟରଙ୍କ ଉପସ୍ଥିତିରେ ବିଚାରବିମର୍ଶ ଚାଲିଥିବା ବେଳେ ଠିକାଦାର ଜଣଙ୍କ ୩୭ନଂ ୱାର୍ଡ଼ର ଭାଜପା କର୍ପୋରେଟର୍ ବନିତା ସାହୁଙ୍କୁ ଆକ୍ରମଣ କରିବା ସହ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏଏସପିଙ୍କୁ ଭେଟି ମହିଳା କର୍ପୋରେଟରଙ୍କୁ ଆକ୍ରମଣ କରିଥିବା ଠିକାଦାରଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ।

# ଆଇଆରଇଏଲ୍ କମ୍ପାନୀ ଆଗରେ ଧାରଣା

## ମୃତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦାବି

ଛତ୍ରପୁର,୧୮।୧୦ (ଦିଲୀପ ସାମଲ)

ଛତ୍ରପୁର ଉପକଣ୍ଠ ମାଟିଖାଲସ୍ଥିତ ଭାରତୀୟ ବିରଳ ମୃତ୍ତିକା (ଆଇଆରଇଏଲ) କମ୍ପାନୀର କର୍ମଚାରୀଙ୍କ ମୃତ୍ୟୁ ପରେ ମୃତକଙ୍କ ପରିବାର ସଦସ୍ୟଙ୍କୁ ଥଇଥାନ ଯୋଜନାରେ ନିଯୁକ୍ତି ଦିଆଯିବାରେ ବିଳମ୍ବ ହେଉଥିବାରୁ ମଙ୍ଗଳବାର ଠାରୁ ପୁଣି ଧାରଣା ଦିଆଯାଇଛି। ମୃତ କର୍ମଚାରୀଙ୍କ ପରିବାରକୁ ନିଯୁକ୍ତି ଦାବି ନେଇ ଆଇଆରଇଏଲର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଛି। ଧାରଣାର ଦ୍ୱିତୀୟ ଦିନରେ ଆନ୍ଦୋଳନକୁ ସମର୍ଥନ ଜଣାଇ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ସମିତି ସଭ୍ୟ ତଥା ଶ୍ରମିକ ନେତା ଏସ ଚକ୍ରପାଣି ରେଡ଼ି, ଛତ୍ରପୁର ଏନଏସିର ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ, ଶ୍ରମିକ ନେତା ଅଜୟ କୁମାର ଚୌଧୁରୀ ସାମିଲ ହୋଇ ମୃତକଙ୍କ ପରିବାର ସଦସ୍ୟଙ୍କୁ କମ୍ପାନୀ ପକ୍ଷରୁ ତୁରନ୍ତ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ଦାବି କରିଥିଲେ। ଏହାସହିତ ଆଇଆରଇଏଲ କର୍ତ୍ତୃପକ୍ଷଙ୍କ ସହିତ ବିଧାୟକ ବେହେରା ଆଲୋଚନା କରିଛନ୍ତ। ଆଇଆରଇଏଲ କମ୍ପାନୀର ମୁମ୍ବାଇସ୍ଥିତ ମୁଖ୍ୟଙ୍କୁ ଏକ ଚିଠି ମାଧମରେ ଛତ୍ରପୁର ବିଧାୟକ ଜଣାଇଛନ୍ତ। ମୃତକ ପରିବାର ସଦସ୍ୟଙ୍କ ପକ୍ଷରୁ ମଧ୍ଯ ବ୍ରହ୍ମପୁର ଏମ୍‌ପି,ଗଞ୍ଜାମ ଜିଲ୍ଲାପାଳ, ଅନ୍ୟାନ୍ୟ ଅଧିକାରୀ ଅଧିକାରୀଙ୍କୁ ଚିଠି ଯୋଗେ ସେମାନଙ୍କ ଦାବି ସଂକ୍ରାନ୍ତରେ ଜଣାଇଛନ୍ତି।


ଆଇଆର୍‌ଇ କମ୍ପାନୀ ଆଗରେ ଧାରଣା ଦିଆଯାଇଛି।

